# କୃଷି ସୂଚନା ସେବା(ଧାନ)

# ଭା.କୃ.ଅନୁ.ପ-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬

**୨୦୨୦ ମସିହା ଏପ୍ରିଲ ମାସର ପ୍ରଥମ ପକ୍ଷ ପାଇଁ କାର୍ଯ୍ୟପନ୍ଥା :**

- ଏପ୍ରିଲ ମାସରେ ଓଡ଼ିଶାର ପ୍ରାୟ ଜିଲ୍ଲାରେ ପାଗ ଶୁଖିଲା ରହେ କିନ୍ତୁ କେତେକ ଜିଲ୍ଲାରେ ବର୍ଷାପାଗ ସହିତ ଘଡଘଡି ମାରିଥାଏ ।
- ଧିରେ ଧିରେ ପାଗ ଶୁଖିଲା ହୋଇଯାଏ ଏବଂ ଏପ୍ରିଲ ମାସର ପ୍ରଥମ ପକ୍ଷରୁ ତାପମାତ୍ରା ବଢ଼ିବା ଲାଗେ । ଏଭଳି ସମୟରେ ମାଟିଆ ଗୁଣ୍ଡି ପୋକ ଏବଂ କାଣ୍ଡବିନ୍ଧା ପୋକ ଦେଖାଯିବାର ସମ୍ଭାବନା ଥାଏ ।
- ଯେତେବେଳେ ଶତକଡ଼ା ୮୫ ଭାଗ ଧାନ ପାକଳ ହୋଇଯାଇଥିବ ସେହି ସମୟରେ କାଟନ୍ତୁ । ନଚେତ୍ ଡାଲୁଅ ଧାନରେ ଧାନଝଡିଯିବାର ସମ୍ଭାବନା ଅଧିକ ଥାଏ । ଧାନ ସାଇତି ରଖିବା ପାଇଁ ଶୁଖାଇବା ସମୟରେ ଆର୍ଦ୍ରତା ଶତକଡା ୧୪ ଭାଗ ରହିବା ଦରକାର । ସେଥିପାଇଁ ଭଲ ଭାବରେ ଶୁଖାଇ ରଖନ୍ତୁ । ମାତ୍ର ବିହନ ପାଇଁ ରଖିବାକୁ ଥିଲେ ଶତକଡା ୧୨ ଭାଗ ଜଳୀୟ ଅଂଶ ଥିବା ପର୍ଯ୍ୟନ୍ତ ଶୁଖାଇ ରଖନ୍ତୁ । ସାଧାରଣ ଭାବେ ଚାଉଳ ମିଲିଂ କରିବା ପାଇଁ ଶତକଡା ୧୨ ରୁ ୧୪ ଭାଗ ପର୍ଯ୍ୟନ୍ତ ଜଳୀୟ ଅଂଶ ରହିବା ଆବଶ୍ୟକ ।
- ଖରାଟିଆ ଧାନ କେଣ୍ଡା ବାହାରୁଥିବା ଅବସ୍ଥାରେ ବିଲରେ ପତଳା ସ୍ତର ପାଣି ମଡେଇ ରଖନ୍ତୁ । ବିଲରେ ଥିବା ବତର ବ୍ୟବହାର କରି ଜମି ପ୍ରସ୍ତୁତି ଆରମ୍ଭ କରନ୍ତୁ ।
- ଖରାଟିଆ ରୁଆ ଧାନରେ କେଣ୍ଡା ବାହାରିବା ସମୟରେ ୪୩ କି.ଗ୍ରା. ୟୁରିଆ ଏକର ପ୍ରତି ପ୍ରୟୋଗ କରନ୍ତୁ । ଦ୍ଵିତୀୟ କିସ୍ତି ଯବକ୍ଷାରଜାନ ସାର ହିସାବରେ
- ମହିଷା ରୋଗ ଦମନ ପାଇଁ ଏକ ଲିଟର ପାଣିରେ ୨ ଗ୍ରାମ୍ ହିସାବରେ କାର୍ବାଣ୍ଡେଜିମ୍ ୫୦ ଡବ୍ଲ୍ୟୁ.ପି. କିମ୍ବା ଏକ ଲିଟର ପାଣିରେ ଟେବୁକୋନାଜୋଲ ୫୦% ସହିତ ଟ୍ରିଫ୍ଲୋକ୍ସିଷ୍ଟ୍ରୋବିନ୍ ୨୫%, ୦.୪ ଗ୍ରାମ୍ ସିଞ୍ଚନ କରିବା ଦରକାର, ଏତଦ୍‌ବ୍ୟତୀତ ଏକର ପିଛା ୨୦୦ ଲିଟର ଦ୍ରବଣ ଆବଶ୍ୟକ ହୁଏ ।
- ବାଦାମୀ ପତ୍ରଚିତା ରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମ୍ୟାନ୍‌କୋଜେବ୍ କିମ୍ବା ୧ ମି.ଲି. ପ୍ରୋପିକୋନାଜୋଲ ମିଶାଇ ପ୍ରୟୋଗ କରନ୍ତୁ । ଏକର ପିଛା ପ୍ରାୟ ୨୦୦ ଲିଟର ଦ୍ରବଣ ଆବଶ୍ୟକ ହୁଏ । ଏଥିସହିତ ପଟାସ୍ ସାର ଅତିରିକ୍ତ କିସ୍ତି ଭାବରେ ଏକର ପିଛା ୬ କି.ଗ୍ରା. ହିସାବରେ (ମ୍ୟୁରେଟ୍ ଅଫ୍ ପଟାସ୍ ୧୦ କି.ଗ୍ରା. ପ୍ରତି ଏକର) ପ୍ରୟୋଗ କରନ୍ତୁ ।
- କାଣ୍ଡବିନ୍ଧା ପୋକର ନିରୀକ୍ଷଣ କରନ୍ତୁ ଯେତେବେଳେ ପୁରୁଷ ପ୍ରଜାପତିର ସଂଖ୍ୟା ଗୋଟିଏ ଦିନରେ ଯନ୍ତ୍ରପ୍ରତି ୪ ରୁ ୫ଟି ହୋଇଯିବ, ତେବେ ଏକର ପିଛା ଟ୍ରାଇକୋଗାମା ଜାପୋନିକମ୍ ପରାଶ୍ରୟୀ କୀଟର ୨୦,୦୦୦ ଅଣ୍ଡା ସପ୍ତାହ ଅନ୍ତରରେ ତିନିଥର ପ୍ରୟୋଗ କରନ୍ତୁ କିମ୍ବା ଏକର ପିଛା ନିମ୍ବ ମଞ୍ଜିରୁ ତିଆରି ଔଷଧ ଯଥା ଆଜାଡିରାକ୍ଟିନ୍ ୦.୧୫% କୁ ୬୦୦ ରୁ ୮୦୦ ମି.ଲି. ଔଷଧ ୨୦୦ ଲିଟର

ପାଣିରେ ମିଶାଇ ସିଞ୍ଚନ କରନ୍ତୁ କିମ୍ବା ଏକର ପିଛା କ୍ଲୋରାନ୍‌ଟ୍ରାନିଲିପ୍ରୋଲ ୪% ଜି.ଆର ୪ କି.ଗ୍ରା.କୁ ୪ କି.ଗ୍ରା. ବାଲି ସହିତ ସମାନ ଭାବରେ ମିଶାଇ ପ୍ରୟୋଗ କରନ୍ତୁ କିମ୍ବା କ୍ଲୋରାନ୍‌ଟ୍ରାନିଲିପ୍ରୋଲ ୧୮.୫% ଏସ୍.ସି. ୬୦ ମି.ଲି. ଏକର ପିଛା ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ କିମ୍ବା ଏକର ପିଛା କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୪ ଜି. ୧୦ କି.ଗ୍ରା. ବ୍ୟବହାର କରନ୍ତୁ କିମ୍ବା ଏକର ପିଛା କାର୍ବୋଫ୍ୟୁରାନ୍ ୩% ୧୦ କି.ଗ୍ରା. ବ୍ୟବହାର କରନ୍ତୁ ।

- ବାଦାମୀ ଗୁଣ୍ଡିପୋକର (ଆର୍ଥିକ ଦେହଳୀ ସୀମାରେଖା ୫-୧୦ ଗୋଟି ପୋକ ପ୍ରତିବୁଦା) ଦେଖାଦେଲେ ନିମ୍ନଲିଖିତ ଉପଦେଶଗୁଡିକ ଧ୍ୟାନରେ ରଖନ୍ତୁ । ଧାନ ଗଛର ସୂକ୍ଷ୍ମ ପରିବେଶକୁ ବଦଳାଇବା ଆବଶ୍ୟକ । ଯେପରିକି ଜମିକୁ ଆର୍ଦ୍ର ଏବଂ ଶୁଖିଲା କରିବା ଅର୍ଥାତ୍ ଅଧିକ ସମୟ ପର୍ଯ୍ୟନ୍ତ ଜମିରେ ଠିଆପାଣି ରଖନ୍ତୁ ନାହିଁ । ଏହା ସତ୍ତ୍ୱେ ଯଦି ପୋକ ନିୟନ୍ତ୍ରଣ ନହୁଏ ତେବେ ନିମ୍ବ ମଞ୍ଜିରୁ ତିଆରି ଔଷଧ ଯଥା ଆଜାଡିରାକ୍ଟିନ୍ ୦.୧୫% କୁ ଏକର ପିଛା ୮୦୦ ମି.ଲି. ଔଷଧ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ କିମ୍ବା ଏକର ପିଛା ଟ୍ରାଇଫ୍ଲୁମେଜୋପାଇରିମ୍ ୧୦ % ଏସ୍.ସି. ୯୫ ଗ୍ରାମ୍ କିମ୍ବା ଏକର ପିଛା ପାଇମେଟ୍ରୋଜିନ୍ ୫୦% ଡବ୍ଲ୍ୟୁ.ଜି ୧୨୦ ଗ୍ରାମ୍ କିମ୍ବା ଏକର ପିଛା ଏସିଫେଟ୍ ୭୫% ଏସ୍. ପି. ୪୦୦ ଗ୍ରାମ୍ ପ୍ରୟୋଗ କରନ୍ତୁ । ବାଦାମୀ ଗୁଣ୍ଡିପୋକ ଲାଗିଥିଲେ ଅନୁମୋଦିତ ଔଷଧ ଉପଯୁକ୍ତ ପରିମାଣର ବ୍ୟବହାର କରନ୍ତୁ ।

**ଗନ୍ଧିପୋକ :**

ଇଥୋଫେନ୍‌ପ୍ରକ୍ସ ୧୦ ଇ.ସି. ୨୦୦ ମି.ଲି. ପ୍ରତି ଏକର ପିଛା ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ କିମ୍ବା ମାଲାଥିଅନ୍ ୫ ଡି.୧୦ କି.ଗ୍ରା. ଗୁଣ୍ଡକୁ ପ୍ରତି ଏକର ସକାଳେ ପବନ ନଥିବା ସମୟରେ ପ୍ରୟୋଗ କରନ୍ତୁ ।

**କେଣ୍ଡା କଟା ସଂବାଳୁଆ**

- କୁଇନାଲଫସ୍ ୨୫ ଇ.ସି. ୪୦୦ ମି.ଲି. ପ୍ରତି ଏକର କିମ୍ବା କ୍ଲୋରୋପାଇରିଫସ୍ ୨୦ ଇ.ସି. ୫୦୦ ମି.ଲି. ପ୍ରତି ଏକର ସକାଳ ସମୟରେ ଧାନ ଗଛର ମୂଳକୁ ସିଞ୍ଚନ କରନ୍ତୁ ।
- ଧାନ କେଣ୍ଡାରେ ଶତକଡା ୮୦ ଭାଗ ଧାନ ପାଚିଗଲେ, ଧାନ କାଟିଦେବା ଉଚିତ୍ । ଧାନ ଅମଳ ପରେ ଧାନକୁ ଭଲ ଭାବରେ ଶୁଖାଇ ଦିଅନ୍ତୁ । ଧାନର କିସମ ଅନୁସାରେ ଧାନକୁ ଅଲଗା ଅଲଗା କରି ବଜାରରେ ମିଳୁଥିବା ସୁପର ଗ୍ରେନ୍ ବସ୍ତାରେ ରଖିଲେ ବଜାରରେ ଭଲ ମୂଲ୍ୟ ମିଳିବ ।
- ସାଇତା ଧାନରେ ପୋକ ଦେଖାଦେଲେ ଆଲୁମିନିୟମ୍ ଫସ୍‌ଫାଇଡ୍ ଟାବ୍‌ଲେଟ୍ ଏକ ଟନ୍ ଧାନ ପିଛା ୩ଟି ଟାବ୍ ଲେଟ୍ (୯ ଗ୍ରାମ୍) ଦେଇ ଭଲଗାବେ ଟାରପୋଲିନ୍ ଘୋଡାଇ ଦିଅନ୍ତୁ । ଯେପରିକି କିଛି ଫାଙ୍କା ଜାଗା ନ ରୁହେ । କୋଠରୀରେ ସନ୍ଧି ଜାଗା କିମ୍ବା କବାଟ ତଳ ଫାଙ୍କ ଜାଗା ୬ ଇଞ୍ଚ କାଦୁଅ କିମ୍ବା ସେଲୋଟେପ୍ ପ୍ଲାଷ୍ଟିକ୍ କରି ଦେଇ ଭଲରେ ବନ୍ଦ କରନ୍ତୁ, ଯେପରିକି ବାଷ୍ପ ବାହାରକୁ ନ ଆସେ । ୭ ରୁ ୧୦ ଦିନ ପର୍ଯ୍ୟନ୍ତ କୋଠରୀ ବନ୍ଦ ରଖନ୍ତୁ । ଲୋକ ଚଳପ୍ରଚଳ କରୁଥିବା ଜାଗାରେ ଏଭଳି ଔଷଧ ପ୍ରୟୋଗ କରନ୍ତୁ ନାହିଁ ।

*****